**ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା**

**ରାହାମା,(ଡି.ଏନ୍.ଏ.):** କୁଜଙ୍ଗ ତହସିଲ ବଡ଼ବାଲିକାଣି ପଞ୍ଚାୟତର ଚୌଧୁରୀ କୁଦ ଗାଁରେ ଗୁରୁବାର ଅଗ୍ନିକାଣ୍ଡରେ ୨ ବଖରା ଜଳି ଯାଇଛି। ଏଥିରେ ନିଶାକର ଦାସଙ୍କ ପରିବାର ଲୋକେ ବିପନ୍ନ ହୋଇଛନ୍ତି। ଅଗ୍ନିକାଣ୍ଡରେ ତାଙ୍କର ଧାନ, ଚାଉଳ, ମୁଗ, ବାଦାମ ଓ ବିରି ସମେତ ଅନ୍ୟ ଆସବାବପତ୍ର ପୋଡି ଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ତିର୍ତ୍ତୋଲ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସରପଞ୍ଚ ସୁଜ୍ୟୋତ୍ସ୍ନା ସିଂ, ସମିତି ସଭ୍ୟ ନଟବର ରାଉତ, ଧ୍ରୁବ ପଟ୍ଟନାୟକ, ସୁଧାକର ଗୁରୁ ପ୍ରମୁଖ ଦାବି କରିଛନ୍ତି। ହଂସୁରା ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ଦାସ ଘଟଣାସ୍ଥଳ ପରିଦର୍ଶନ କରି ପଲିଥିନ ଯୋଗାଇ ଦେଇଛନ୍ତି।

# ମିଲରଙ୍କ ମାଡ଼ରେ ଚାଷୀ ଗୁରୁତର

**ମହାକାଳପଡ଼ା, ୧୭ା୩ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଧୀନ ମଙ୍ଗଳପୁର ସେବା ସମବାୟ ସମିତିରେ ଜଣେ ଚାଷୀ ଗୁରୁବାର ଧାନ ବିକ୍ରି କରିବାକୁ ଯାଇ ମିଲରଙ୍କ ମାଡ଼ର ଶିକାର ହୋଇ ଗୁରୁତର ହୋଇ ପଡିଛନ୍ତି। ସେ ଏବେ କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

ମଙ୍ଗଳପୁର ଗାଁର ତପନ କୁମାର ମଲ୍ଲିକ ନିଜ ଧାନ ବିକ୍ରି ପାଇଁ ମଣ୍ଡିକୁ ନେଇଥିଲେ। ହେଲେ ସମିତି ସମ୍ପାଦକ ଶିବ ପ୍ରସାଦ ମହାପାତ୍ର ବ୍ଲକ ଅଧୀନ ଅଳାଇଲୋସ୍ଥିତ ନାରାୟଣ ମିଲକୁ ଧାନ ନେବାକୁ ତପନଙ୍କୁ କହିଥିଲେ। ପରେ ତପନ ଭଡ଼ା ଗାଡ଼ିରେ ଗୁରୁବାର ନିକଟସ୍ଥ ନାରାୟଣୀ ମିଲ୍‌କୁ ଧାନ ନେଇଥିଲେ। ତେବେ ଏହି ମିଲ୍ ସମ୍ମୁଖରେ ତପନ ୨୫ କୁଇଣ୍ଟାଲ ଧାନ ରଖି ମିଲରଙ୍କୁ ଧାନ ନେବାକୁ କହିଥିଲେ। ମାଲିକ ଧାନ ନେବାକୁ ମନା କରି ଦେଇଥିଲେ। କାହିଁକି ତୁମେ ଧାନ ନେବ ନାହିଁ ସମିତି ସମ୍ପାଦକ ମହାପାତ୍ର ତୁମ


ମିଲରଙ୍କ ମାଡ଼ରେ ଆହତ ତପନ।


ସମିତି ଆଗରେ ଚାଷୀଙ୍କ ଧାରଣା।

## ଧାନ ବିକ୍ରି ପାଇଁ ଯାଇ ଆକ୍ରମଣର ଶିକାର

ପାଖକୁ ଧାନ ବିକ୍ରି ପାଇଁ ପଠାଇଛନ୍ତି। ତେଣୁ ଭଡ଼ା ଗାଡି କରି ଖର୍ଚ୍ଚାନ୍ତ ହୋଇ ଧାନ ବିକ୍ରି ପାଇଁ ଆଣିଛି। ଏବେ ମନା କଲେ ହଇରାଣ ହେବି ବୋଲି ତପନ ଅସହାୟତା ପ୍ରକାଶ କରିଥିଲେ। ହେଲେ ମିଲର ତାଙ୍କ କଥା ନ ଶୁଣିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ପରେ ମିଲର ମୁନା ପଣ୍ଡା ଓ ତାଙ୍କର କର୍ମଚାରୀମାନେ ତପନଙ୍କୁ ଜାତିଆଣ ଆକ୍ଷେପ କରିଥିଲେ। ପରେ ସେମାନେ ତପନଙ୍କୁ ଭୁଜାଲି ଓ ବାଡ଼ିରେ ମାଡ଼ ମାରିଥିଲେ। ସେମାନଙ୍କ ମାଡ଼ରେ ତପନଙ୍କ ମୁଣ୍ଡ ଓ ଛାତିରେ ରକ୍ତସ୍ରାବ ହେବା ସହ ଗୁରୁତର ହୋଇପଡ଼ିଥିଲେ। ଏ ନେଇ ମହାକାଳପଡ଼ା ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି। ପରେ ତପନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଅଭାବନୀୟ ଘଟଣାକୁ ନେଇ ମଙ୍ଗଳପୁର ସେବା ସମବାୟ ସମିତି ସମ୍ମୁଖରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଧାରଣାରେ ବସିଥିଲେ। ଏହି ଗରିବ ଚାଷୀଙ୍କୁ ନ୍ୟାୟ ନ ଦେଲେ ଚାଷୀମାନେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବେ ବୋଲି ଚେତାବନୀ ଦେଇଛନ୍ତି।

ଅପରପକ୍ଷେ ବ୍ଲକର ୨୪ଟି ସେବା ସମବାୟ ସମିତିରେ ଚାଷୀଙ୍କ ଧାନକୁ ସମ୍ପାଦକ ଓ ସିଧାସଳଖ ମିଲରଙ୍କ ସହ ଭିତିରି ବୁଝାମଣା କରି ବିକ୍ରି କରୁଛନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଫଳରେ ଶତାଧିକ ଚାଷୀ ଧାନ ବିକ୍ରି କରିବାକୁ ଯାଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ଗନ୍ତାୟତଙ୍କୁ ପଚାରିବାରେ ଏହି ଘଟଣାରେ ତଦନ୍ତ ହେବ ବୋଲି ସେ କହିଛନ୍ତି। ଏ ନେଇ ଥାନାରେ ନଂ.୫୦/୨୨ରେ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ମନୋରଞ୍ଜନ ଚୌଧୁରୀ ସୂଚନା ଦେଇଛନ୍ତି।

# ୧୨ରୁ ୧୪ ବର୍ଷ ପିଲାଙ୍କୁ ଟିକାଦାନ

**ଜଗତ୍‌ସିଂହପୁର ଅଫିସ, ୧୭ା୩**

ଜାତୀୟ ଟିକାକରଣ ଦିବସ ପାଳନ ଅବସରରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୧୨ରୁ ୧୪ବର୍ଷ ବୟସ୍କ କିଶୋରୀ କିଶୋରଙ୍କ ପାଇଁ କୋର୍ବେଭାକ୍ସ କୋଭିଡ୍ ଟିକା ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ପ୍ରାଥମିକସ୍ତରରେ ଜିଲ୍ଲାର ସହରାଞ୍ଚଳ ଅର୍ଥାତ୍ ଜଗତ୍‌ସିଂହପୁର ଓ ପାରାଦୀପର ସ୍କୁଲଗୁଡ଼ିକରେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ବ୍ଲକ ମୁଖ୍ୟାଳୟରେ ଥିବା ସ୍କୁଲଗୁଡିକରେ ଟିକା ଦିଆଯିବ। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ବୟସ ଚିହ୍ନଟ ପରେ ଟିକା ଦେବା ନିମନ୍ତେ ବ୍ୟବସ୍ଥା ହେବ। ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକରେ ଜିଲ୍ଲାପାଳ ପାରୁଲ ପଟୱାରୀ ଏହି ସୂଚନା ଦେବା ପରେ ଟିକାକରଣ କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରାଯାଇଛି। ଏଥିସହ ୬୦ବର୍ଷ ଓ ତଦୂର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ବୁଷ୍ଟର ଡୋଜ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ବର୍ଗରେ ଯେଉଁମାନେ ୨ୟ ଡୋଜ ନେବାର ୮୪ ଦିନ ଅତିକ୍ରାନ୍ତ କରି ସାରିଥିବେ, ସେମାନେ ନିକଟସ୍ଥ ପ୍ରାଥମିକ/ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର/ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କୋଭିଡ୍ ଟିକାକରଣ କେନ୍ଦ୍ରରେ ଟିକା ନେଇପାରିବେ। ଏହାବାଦ୍ ୧୮ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିବିଶେଷ କୋଭିଡ୍ ଟିକାର ପ୍ରଥମ ଓ ଦ୍ୱିତୀୟ ଡୋଜ୍ ପୂର୍ବଭଳି ନିକଟସ୍ଥ ସରକାରୀ କୋଭିଡ୍ ଟିକାକରଣ କେନ୍ଦ୍ରରେ ପ୍ରମାଣପତ୍ର ଦେଖାଇ ନେଇପାରିବେ। ଠିକ ସେହିପରି ୧୫ରୁ ୧୭ ବର୍ଷ ବୟସ୍କ କିଶୋରୀ ଓ କିଶୋରମାନେ ପ୍ରଥମ ଓ ଦ୍ୱିତୀୟ ମାତ୍ରା କୋଭିଡ୍ ଟିକା ସେମାନଙ୍କ ବିଦ୍ୟାଳୟଗୁଡିକରେ ନିର୍ଦ୍ଧାରିତ ତାରିଖରେ ଏବଂ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ପୂର୍ବଭଳି ନେବେ। ବୈଠକରେ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୮ ବ୍ଲକର ୮ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ୧୬ ଜଣ ଆଶାକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କ୍ଷେତ୍ରବାସୀ ଦାସ, ଏଡିଏମ୍‌ଓ (ପରିବାର କଲ୍ୟାଣ) ଡା. ପ୍ରମୋଦ କୁମାର ବାରିକ, ଡିପିଏମ୍ ଚକ୍ରଧର ଜେନା, ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଜଣେ ଛାତ୍ରୀଙ୍କୁ କୋଭିଡ ଟିକା ଦିଆଯାଇଛି।

## ସଂକ୍ଷେପରେ

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଏରସମା,୧୭ା୩(ସ୍ୱ.ପ୍ର.):** ଏରସମା ବ୍ଲକ ପରିସରରେ ଗୁରୁବାର ଏକ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୫ ପଞ୍ଚାୟତରୁ ଆସିଥିବା ୩୪୧ ଜଣ ଦିବ୍ୟାଙ୍ଗ ଏଥିରେ ସାମର୍ଥ୍ୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ, ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗୋଚ୍ଛାୟତ, ବିଡିଓ କୈଳାସ ଚନ୍ଦ୍ର ବେହେରା, ନଳିନୀ କୁମାର ମନ୍ତ୍ରୀ, ହୃଷୀକେଶ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ, ଶିକ୍ଷକ,ଅଙ୍ଗନୱାଡି କର୍ମୀମାନେ ସହଯୋଗ କରିଥିଲେ।

### ଖବରକାଗଜ ବିତରକ ଅଭିଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା

**ରାଜନଗର,୧୭ା୩(ଡି.ଏନ.ଏ.):** ରାଜନଗର ଅଞ୍ଚଳର ଖବରକାଗଜ ବିତରକ ଅଭିରାମ ବିଶ୍ୱାଳଙ୍କ ବିୟୋଗରେ ଗୁରୁବାର ପ୍ରେସ୍‌କ୍ଲବ ପକ୍ଷରୁ ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍‌କ୍ଲବ ସଭାପତି ଭାସ୍କର ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜନଗର ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ମୁଖ୍ୟଅତିଥି, ରାଜନଗର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଭିରାମଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈକୁଣ୍ଠ ବିଶ୍ୱାଳ, କୃପାସିନ୍ଧୁ ସାମଲ, କୈଳାସ ଚନ୍ଦ୍ର ମହାନ୍ତି, ପ୍ରଦୀପ ନାୟକ, ପ୍ରାଧାପକ ରତ୍ନାକର ନାୟକ, ଏସ୍‌ଏନ୍‌ଏସ୍ ମହାବିଦ୍ୟାଳୟର ଅଧକ୍ଷ ଅକ୍ଷୟ କୁମାର ମିଶ୍ର ପ୍ରମୁଖ ସ୍ୱର୍ଗତ ଅଭିରାମଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଖବରଦାତା ଦୋଳଗୋବିନ୍ଦ ଜେନା, ବିଜୟ କୁମାର ଗୁପ୍ତା, ରଞ୍ଜନ କୁମାର ପ୍ରଧାନ, ତ୍ରିଲୋଚନ ଦାସ, ଅଭିରାମ ଦାସ, ହକର ଅଶୋକ କୁମାର ମଳିକ ପ୍ରମୁଖ ପରିଚାଳନା କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ଜଗତ୍‌ସିଂହପୁରରେ ଟ୍ରେଣ୍ଡସ୍‌ର ନୂତନ ଷ୍ଟୋର




**ଭୁବନେଶ୍ୱର,୧୭ା୩**

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ରିଟେଲର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ ଟ୍ରେଣ୍ଡସ୍‌ର ନୂତନ ଷ୍ଟୋର ବୁଧବାର ଜଗତ୍‌ସିଂହପୁର ସହରରେ ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଯାଇଛି। ସହରର ମଧ୍ୟଭାଗରେ ୫୮୦୦ ବର୍ଗଫୁଟ୍ ପରିମିତ ଜମିରେ ଗଢ଼ି ଉଠିଛି ଏହି ଷ୍ଟୋର। ଏଥିରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟ ସହିତ ସ୍ୱତନ୍ତ୍ର ପ୍ରାରମ୍ଭିକ ଅଫର ରହିଛି। ଜଣେ ୩୪୯୯ ଟଙ୍କାର କିଣାକିଣି କରି ୧୯୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଇପାରିବେ। କେବଳ ସେତିକି ନୁହେଁ, ଗ୍ରାହକମାନେ ୨୯୯୯ ଟଙ୍କାର କିଣାକିଣି ସହିତ ୩୦୦୦ ଟଙ୍କା ମୂଲ୍ୟର କୁପନ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ଜଗତ୍‌ସିଂହପୁର ସହରରେ ଏହି ଟ୍ରେଣ୍ଡସ୍ ଷ୍ଟୋରର ମଡର୍ନ ଲୁକ୍ ଏବଂ ପରିବେଶ ସହିତ ସ୍ଥାନୀୟ ଗ୍ରାହକମାନଙ୍କ ମନଲାଖି ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଓ ସୁଲଭ ମୂଲ୍ୟ ଏହାକୁ ଅଧିକ ଆକର୍ଷଣୀୟ କରି ଗଢ଼ି ତୋଳିଛି। ଜଗତ୍‌ସିଂହପୁର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକମାନେ ଏବେ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟରେ ଏବଂ ଚମତ୍କାର କିଣାକିଣି ଅନୁଭୂତି ସହିତ ପାଇପାରିବେ। ଏହା ଭାରତର ଗ୍ରାହକଙ୍କ ସମ୍ପର୍କ ସୁଦୃଢ଼ କରିଛି ଏବଂ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟିୟର୧, ଟିୟର୨ ଭଳି ସହର ସହ ଆହୁରି ଅନେକ ସ୍ଥାନରେ ଭାରତୀୟ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିଛି ଏବଂ ଦେଶର ପସନ୍ଦଯୋଗ୍ୟ ଫ୍ୟାଶନ ଶପିଂ ଡେଷ୍ଟିନେଶନ ମଧ୍ୟ ପାଲଟିଛି।

# ପାକ୍ସ ସମ୍ପାଦକ ନିଲମ୍ବିତ

**ରାଜନଗର, ୧୭ା୩ (ଡି.ଏନ.ଏ.)**

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ)ର କାର୍ଯ୍ୟନିର୍ବାହୀ ସମ୍ପାଦକ ତଥା ଭାଟପଡା ପ୍ରାଥମିକ କୃଷି ସେବା ସମବାୟ ସମିତିର ସମ୍ପାଦକ ନିଳମଣୀ ପ୍ରଧାନଙ୍କୁ ଗୁରୁବାର ନିଲମ୍ବନ କରାଯାଇଛି। ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତିର ୪୯୦ଜଣ ଚାଷୀ ସେମାନଙ୍କ ଧାନ ବିକ୍ରି ନିମନ୍ତେ ପଞ୍ଜୀକରଣରୁ ବଞ୍ଚିତ ହେବା କାରଣରୁ ଏହି ନିଲମ୍ବନ କରାଯାଇଛି। ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତିର ପୂର୍ବତନ ସରପଞ୍ଚ ତଥା ଡାଟା ଏଣ୍ଟ୍ରି ଅପରେଟର ଧାନ କିଣାରେ ବ୍ୟାପକ ଅନିୟମିତତା କାରଣରୁ ଗତ ଖରିଫ ଋତୁରେ ନିଲମ୍ବନ ହୋଇଥିଲେ। ପରେ ଭାଟପଡ଼ା ସେବା ସମବାୟ ସମିତିର ସମ୍ପାଦକ ପ୍ରଧାନ ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତିର ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ୨୦୨୧-୨୨ ଖରିଫ ଋତୁରେ ଧାନ ବିକ୍ରିବାକୁ ୯୨୨ଜଣ ଚାଷୀ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୪୩୨ଜଣ ଚାଷୀଙ୍କ ଅନ୍‌ଲାଇନ ପଞ୍ଜୀକରଣ କରାଯାଇଥିଲା। ଅବଶିଷ୍ଟ ୪୯୦ଜଣ ଧାନ ବିକ୍ରି ନିମନ୍ତେ ଅନ୍‌ଲାଇନ ପଞ୍ଜୀକରଣରୁ ବଞ୍ଚିତ ହୋଇଥିଲେ। ଏ ନେଇ ସେମାନେ ସମବାୟ ବିଭାଗ ଓ ଯୋଗାଣ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ସେମାନଙ୍କ ମଧ୍ୟରୁ ଭିତରଗଡ ଗାଁର ଶ୍ରୀନିବାସ ଜେନା ଓ ଚାରିପୋଖରୀଆ ଗାଁର ବସନ୍ତ ଦାସ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଏହି ଘଟଣାକୁ ଅତି ଗୁରୁତର ସହ ନେଇ ସେବା ସମବାୟ ସମିତିର ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ସମବାୟ ବିଭାଗର ସମିତି ପ୍ରଶାସକ ବିକାଶ ତରାଇ ଚିଠି ନଂ. ୧୫/୨୨ରେ ସମ୍ପାଦକ ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି। ଭାଟପଡା ପ୍ରାଥମିକ କୃଷି ସେବା ସମବାୟ ସମିତିର ସହକାରୀ ସମ୍ପାଦକ ଅସୀତ କୁମାର ସ୍ୱାଇଁ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି।

# ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ସିମେଣ୍ଟ, ବାଲି ଟ୍ରକ୍ ମାଗିଲେ

**ରାଜନଗର, ୧୭ା୩ (ଡି.ଏନ.ଏ.):** ରାଜନଗର ଥାନା ଜୁଣ୍ଟପଙ୍ଗା ଛକରେ ଇଙ୍କିରିଆ ଗାଁର ଆଲୋକ ପରିଡାଙ୍କ ଦୋକାନରେ ଦୁର୍ବୃତ୍ତମାନେ ପହଞ୍ଚି ବନ୍ଧୁକ ଦେଖାଇ ସିମେଣ୍ଟ ଓ ବାଲି ଗାଡି ମାଗିବା ସହ ତାଙ୍କ ଭାଇ ଓ ଭଉଣୀଙ୍କୁ ଆକ୍ରମଣ କରି ସୁନା ଚେନ, ମୋବାଇଲ ଲୁଟି ନେଇଥିବା ବୁଧବାର ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ସନ୍ଧ୍ୟାରେ ଆଲୋକ ଦୋକାନରେ ଥିବା ବେଳେ କୋଇଲିପୁର ଗାଁର ଦୁର୍ଯ୍ୟୋଧନ ମଳିକ, ସୁଦୀପ୍ତ ମଳିକ, ମାନସ ମଳିକ, ସମୀର ମଳିକ ଏବଂ ଅନ୍ୟ ଦୁଇଜଣ ଦୋକାନ ଆଗରେ

## ପରିବାର ଲୋକଙ୍କୁ ଆକ୍ରମଣ

ଗାଳି ଗୁଲଜ କରିଥିଲେ। ଜଣେ ବନ୍ଧୁକ ଦେଖାଇ ୫୦ ବସ୍ତା ସିମେଣ୍ଟ, ବାଲି ବୋଝେଇ ଗାଡି ମାଗିଥିଲେ। ମନା କରିବାରୁ ଆଲୋକଙ୍କ ଘରେ ପହଞ୍ଚି ମା', ସ୍ତ୍ରୀ ଓ ଭଉଣୀଙ୍କୁ ଧମକ ଦେଇଥିଲେ। ପରେ ଭାଇ ଅଶୋକଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଭଉଣୀ ଆସିବାରୁ ମାଡ ମାରି ଦୁଇଟି ସୁନା ଚେନ, ମୋବାଇଲ ନେଇ ଯାଇଥିଲେ। ଏ ନେଇ ପୋଲିସ ନଂ. ୮୨/୨୨ରେ ମାମଲା ରୁଜୁ କରିଛି।


ସମ୍ବଲପୁରୀ ବସ୍ତ୍ରାଳୟ
DSPL-421
ପବିତ୍ର ଦୋଳ ଓ ହୋଲି ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦% + ୨୦%
ତା୧୨ା୦୩ା୨୦୨୨ରୁ ତା୩୧ା୦୩ା୨୦୨୨ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31032/13/0017/2122


# ଶାଗଭଜା ପଖାଳ ଭୋଗ ପାଇଁ ବିଦୁର ମନ୍ଦିର ଉତ୍ସବ ମୁଖର

**ଡେରାବିଶ ୧୭ା୩(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅରାଖଣ୍ଡଠାରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିର ଗୁରୁବାର ଉତ୍ସବ ମୁଖର ହୋଇଛି। ଶ୍ରଦ୍ଧାଳୁଙ୍କ ଶାଗଭଜା ପଖାଳ ଭୋଗ ଓ ଭକ୍ତ ବିଦୁରଙ୍କ ଦର୍ଶନ ପାଇଁ ସନ୍ଧ୍ୟାରେ ପ୍ରବଳ ଗହଳି ଲାଗିଥିଲା। ଜନଶ୍ରୁତି ଅନୁଯାୟୀ, ଦ୍ୱାପର ଯୁଗରେ କୃଷ୍ଣଙ୍କ ଅନ୍ତରଙ୍ଗ ଶଖା ଭାବେ ବିଦୁର ପରିଚିତ। ପାଣ୍ଡବଙ୍କ ଅଜ୍ଞାତବାସ ବେଳେ ନିକଟସ୍ଥ ଡେରାଡ଼ିହଠାରେ ମା' କୁନ୍ତି ଓ ସ୍ତ୍ରୀ ଦ୍ରୌପଦୀଙ୍କ ସହ ପାଣ୍ଡବ ରହୁଥିବା ବେଳେ କୃଷ୍ଣ ସେଠାରେ ଅବସ୍ଥାନ କରିଥିଲେ। ଅରାଖଣ୍ଡଠାରେ ଥିବା ଭକ୍ତ ବିଦୁରଙ୍କ ଆଶ୍ରମରେ କୃଷ୍ଣ କିଛିଦିନ ଅବସ୍ଥାନ କରିବା ବେଳେ ଶାଗଭଜା ପଖାଳ ଖାଇଥିଲେ। ବିଦୁରଙ୍କ ଭକ୍ତିରେ ପ୍ରିତ ହୋଇ ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ହରିହରଙ୍କ ଏକା ସମୟରେ ଦର୍ଶନ ନିମନ୍ତେ ବର ପ୍ରଦାନ କରିଥିଲେ। ସେବେଠାରୁ ବିଦୁରଙ୍କ ଆଶ୍ରମ ନିକଟରେ ଥିବା ଓଳକଣା ପଡ଼ିଆରେ ମେଳଣ ହେବା ସହ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଆସେ। ପରେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଶୈବପୀଠ ଭଦ୍ରେଶ୍ୱରଙ୍କ ମନ୍ଦିରରୁ ଶିବ ଚତୁର୍ଦ୍ଦଶୀ ତିଥିର ବ୍ରାହ୍ମ ମୁହୂର୍ତ୍ତରେ ପହଞ୍ଚି ଥାଆନ୍ତି। ଏକ ସମୟରେ ହରିହର ଦର୍ଶନ ପାଇଁ ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁ ରୁଣ୍ଡ ହୋଇଥାନ୍ତି। ଶାଗ ପଖାଳ ନୈବିଦ୍ୟ ଓ ହରିହର ଦର୍ଶନ ଏ ଅଞ୍ଚଳର ଏକ ଅନନ୍ୟ ପରମ୍ପରା।



## ଜୀବନ ଜୀବିକା ପାଇଁ ଏକାଠି ହେଲେ ଚିଙ୍ଗୁଡ଼ି ଚାଷୀ

# ବିଧାନସଭା ଘେରିବୁ

**ରାଜନଗର, ୧୭ା୩ (ଡି.ଏନ.ଏ.)**

ଜୀବନ ଜୀବିକା ବଞ୍ଚାଇବାକୁ ରାଜନଗର ବ୍ଲକ ଅଞ୍ଚଳର ଚିଙ୍ଗୁଡି ଚାଷୀ ଗୁରୁବାର ଏକତ୍ରିତ ହୋଇ ବୈଠକ କରିଥିଲେ। ଏଥିରେ ନିଷ୍ପତ୍ତିକ୍ରମେ ଆଗାମୀଦିନରେ ଯଦି ଚିଙ୍ଗୁଡି ଘେରି ଉଚ୍ଛେଦ କରାଯାଏ ଦେବେ ବିଧାନସଭା ଘେରାଉ ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଭିତରକନିକା ଜୈବ ବିବିଧତା ଏବେ ସଙ୍କଟରେ। ଭିତରକନିକା ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ନଦୀ ନାଳ ଚତୁଃପାର୍ଶ୍ୱରେ ଶତାଧିକ ଏକର ଚିଙ୍ଗୁଡି ଘେରି ନିର୍ମାଣ ଯୋଗୁ ବିଶାକ୍ତ ରସାୟନିକ ପଦାର୍ଥ ନଦୀରେ ମିଶିବା ଯୋଗଁ ଜୈବ ବିବିଧତା ପ୍ରତି ବିପଦ ଦେଖାଦେଇଛି। ଜୈବ ବିବିଧତା ସୁରକ୍ଷା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜନଗର ବନ ବିଭାଗ ବେଆଇନ ଚିଙ୍ଗୁଡି ଘେରି ନିର୍ମାଣ ନ କରିବାକୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଛି। ଅବଜ୍ଞା କଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି। ଯାହାକୁ ନେଇ ରାଜନଗର ଅଞ୍ଚଳର ଚିଙ୍ଗୁଡି ଚାଷୀ ବିରୋଧ କରି ଏକତ୍ରିତ ହୋଇଥିଲେ। ନଳିତାପାଟିଆସ୍ଥିତ ଏକ ହୋଟେଲରେ ମା' ମାଟିଆ ମଙ୍ଗଳା ଚିଙ୍ଗୁଡି ଚାଷୀ ମହାସଂଘର ସଭାପତି ଅମଲ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ବୈଠକ ହୋଇଥିଲା। ଚାଷୀକୂଳ ବାରମ୍ବାର ଧାନ ଚାଷ କରି ଅନେକ କ୍ଷତିର ସମ୍ମୁଖୀନ ହେବା ପରେ ଚିଙ୍ଗୁଡି ଚାଷକୁ ଆପଣେଇ ନେଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡା ବ୍ଲକର ଭିତରକନିକା ଅଭୟାରଣ୍ୟ ଜାତୀୟ ଉଦ୍ୟାନ ସଂଲଗ୍ନ ସରକାରୀ ଜମିକୁ ଚିଙ୍ଗୁଡି ଚାଷ ନିମନ୍ତେ ବଡ କମ୍ପାନୀକୁ ଲିଜ୍ ଦିଆଯାଇଛି। ହେଲେ ରାଜନଗର ବ୍ଲକର ଗରିବ ଚିଙ୍ଗୁଡି ଚାଷୀଙ୍କୁ ବିଭିନ୍ନ ଆଇନ ପରିସରଭୁକ୍ତ କରି ଉଚ୍ଛେଦ କରାଯିବ ବୋଲି କୁହାଯାଉଛି। ଫଳରେ ଚିଙ୍ଗୁଡିଘେରି ଉପରେ ନିର୍ଭରଶୀଳ ବ୍ଲକର ୩୦ ହଜାର ପରିବାର ବେସାହାରା ହୋଇପଡିବେ ବୋଲି କୁହାଯାଇଥିଲା। ହାଇକୋର୍ଟ, ଜିଲାପାଳ, ରାଜନଗର ଡିଏଫ୍‌ଓ, ତହସିଲଦାର, ରାଜନଗର ବିଧାୟକ ଓ ପରିବେଶ ମନ୍ତ୍ରୀଙ୍କୁ ଏ ନେଇ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ତେଣୁ ଆଗାମୀ ଦିନରେ ଜିଲାପାଳ, ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଏବଂ ବିଧାନସଭା ଘେରାଉ କରାଯିବ। ରାଜରାସ୍ତାରେ ବସିବା ସହ ତହସିଲ ଓ ବନବିଭାଗ କର୍ମଚାରୀଙ୍କ ବିରୋଧରେ ଲଢ଼ିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସଂଘର ସଭାପତି ପ୍ରଧାନ ଜଣାଇଛନ୍ତି। ବୈଠକରେ ସଂଘର ସମ୍ପାଦକ ମନୋଜ ସ୍ୱାଇଁ, ସହସମ୍ପାଦକ ଚିତ୍ତ ରଞ୍ଜନ ପରିଡା, ମଦନ ଦେବନାଥ, କାଳିପଦ ମଣ୍ଡଳ, ଆଶିଷ ଜେନା, ବିକାଶ ଗିରି, ମଦନ ବେରା, ବିଜୟ ମାଇତି, ସମିତିସଭ୍ୟ ମଧୁସୂଦନ ମଣ୍ଡଳ, ଗଣେଶ ଚନ୍ଦ୍ର ଗୁଡିଆ, ମନୋରଞ୍ଜନ ମଣ୍ଡଳ, ବିଶ୍ୱନାଥ ମାଇତି, ତପନ ସାହୁ, ସରପଞ୍ଚ ପ୍ରସନ୍ନ ପରିଡା, ନନ୍ଦ ଦୁଲାଲ ପରିଡା, ମୁକ୍ତିକାନ୍ତ ପାତ୍ର ପ୍ରମୁଖ ବୈଠକରେ ଯୋଗଦେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ନେଇଛନ୍ତି।



ଚିଙ୍ଗୁଡି ଚାଷୀମାନଙ୍କ ବୈଠକ।


ବିଶ୍ୱ ମୁଖଗହ୍ୱର ସ୍ୱାସ୍ଥ୍ୟ ସଚେତନତା ଦିବସ
DSPL-427
୨୦ ମାର୍ଚ୍ଚ, ୨୦୨୨
"ଆମେ ନିଜ ସୁସ୍ଥ ମୁଖଗହ୍ୱର ପାଇଁ ଗର୍ବ ଅନୁଭବ କରିବା, ସୁସ୍ଥ ଶରୀର ପାଇଁ ନିଜ ମୁଖଗହ୍ୱରର ଯତ୍ନ ନେବା"



ମୁଖଗହ୍ୱରର ଯତ୍ନ ପାଇଁ କେତୋଟି ସୂଚନା
- ଦୈନିକ ୨ ଥର; ସକାଳୁ ଉଠିବା ପରେ ଓ ରାତ୍ରି ଭୋଜନ ପରେ ଦାନ୍ତ ଘଷନ୍ତୁ ଏବଂ ପ୍ରତିଥର ୫ ମିନିଟ୍ ପର୍ଯ୍ୟନ୍ତ ଘଷନ୍ତୁ।
- ଖାଦ୍ୟ ଖାଇବା ପରେ ଭଲଭାବେ ୪-୫ ଥର କୁଳି କରନ୍ତୁ।
- ଋତୁ ଅନୁଯାୟୀ ଉପଲବ୍ଧ ହେଉଥିବା ଫଳ ଓ ପନିପରିବା ଯଥେଷ୍ଟ ଖାଆନ୍ତୁ।
- ତମାଖୁ ବର୍ଜନ କରନ୍ତୁ।
- ଅନ୍ତତଃ ବର୍ଷକୁ ଥରଟିଏ ନିଜର ମୁଖ ଗହ୍ୱର ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇ ନିଅନ୍ତୁ।
- ସରକାରୀ ଡାକ୍ତରଖାନାରେ ମୁଖଗହ୍ୱର ଚିକିତ୍ସା ଉପଲବ୍ଧ।

ପ୍ରମୁଖ ମୁଖଗହ୍ୱର ରୋଗ
- ଦନ୍ତ କ୍ଷୟ
- ମାଢ଼ିରୁ ରକ୍ତସ୍ରାବ
- ଦୁର୍ଗନ୍ଧ
- ତ୍ରୁଟିପୂର୍ଣ୍ଣ ଦାନ୍ତ
- ମୁଖ ଗହ୍ୱର କର୍କଟ

ସମସ୍ତ ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚିତ ନିଅନ୍ତୁ




ନିୟମିତ ସାବୁନ୍‌ରେ ହାତ ଧୁଅନ୍ତୁ | ସଠିକ୍ ଭାବେ ମାସ୍କ ପିନ୍ଧନ୍ତୁ | ସାମାଜିକ ଦୂରତା ବଜାୟ ରଖନ୍ତୁ
କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ପାଳନ କରନ୍ତୁ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା
World Oral Health Day 20 March
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR-10003/13/0156/2122

## ସଂକ୍ଷେପରେ

### ଓଡ଼ଗାଁ ବିଦ୍ୟୁତ୍ ଅଫିସରେ ଅଗ୍ନିକାଣ୍ଡ

**ଏସି, କମ୍ପ୍ୟୁଟର, ଦରକାରୀ କାଗଜ ପତ୍ର ପୋଡ଼ିଗଲା**

**ଓଡ଼ଗାଁ, ୧୭।୩ (ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ବିଦ୍ୟୁତ୍ ବିଭାଗ ସେକ୍ସନ ଅଫିସରେ ଅଗ୍ନିକାଣ୍ଡ ଘଟି ବହୁ ସାମଗ୍ରୀ ପୋଡ଼ି ଯାଇଛି। ସମ୍ପୃକ୍ତ କାର୍ଯ୍ୟାଳୟକୁ ଗୁରୁବାର ସକାଳୁ ଖୋଲିଲା ବେଳକୁ ସେଠାରେ ଧୂଆଁ ଭରପୁର ରହିଥିଲା । ଅଫିସରେ ମହଜୁଦ ଥିବା ଅଗ୍ନିନିର୍ବାପକ ଓ ଦମକଳ ବାହିନୀ ସାହାର୍ଯ୍ୟରେ ନିଆଁ ଲିଭାଯାଇଥିଲା । ଏହି ଅଗ୍ନିକାଣ୍ଡରେ ଅଫିସରେ ଲାଗିଥିବା ଶୀତତାପ ନିୟନ୍ତ୍ରିତ ମେଶିନ, କମ୍ପ୍ୟୁଟର, ପ୍ରିଣ୍ଟର, ୟୁପିଏସ୍ ସହିତ କେତେକ ଦରକାରୀ ନଥିପତ୍ର, ୨ ହଜାର ବିଲ ପ୍ରିଣ୍ଟ ରୋଲ ଓ ଚୌକି ବେଞ୍ଚ ଓ ଟେବୁଲ ପୋଡ଼ି ଯାଇଛି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସୂଚନା ପାଇ ନୟାଗଡ଼ରେ ଅବସ୍ଥାପିତ ବିଭାଗୀୟ ପରିଚାଳକ ସନ୍ତୋଷ କୁମାର ମହାପାତ୍ର, ସହକାରୀ ପରିଚାଳକ ଭାଗ୍ୟବାନ ବେହେରା ଓ ସ୍ଥାନୀୟ ସେକ୍ସନ ଅଫିସରେ କାର୍ଯ୍ୟରତ ଦୁଇ କନିଷ୍ଠ ପରିଚାଳକ ଶୁଭେନ୍ଦୁ ସ୍ୱାଇଁ ଓ ଜିତେନ୍ଦ୍ର ମହାରଣା ପହଞ୍ଚି କ୍ଷୟକ୍ଷତି ସମ୍ପର୍କରେ ଅନୁଧାନ କରିଛନ୍ତି । ବିଦ୍ୟୁତ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସେମାନେ ଅନୁମାନ କରୁଛନ୍ତି ।

### ଗଛ କଟା ନେଇ ଥାନାରେ ଅଭିଯୋଗ



**ଖଣ୍ଡପଡ଼ା, ୧୭।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ସହର ୧ନଂ. ୱାର୍ଡରେ ଡାକଘର କର୍ମଚାରୀଙ୍କ ବାସଗୃହ ନିର୍ମାଣ ସ୍ଥାନରୁ ଏକ ମୂଲ୍ୟବାନ ଗଛକୁ ଦୁର୍ବୃତ୍ତମାନେ କାଟି ନେଇଥିଲେ । ଖଣ୍ଡପଡ଼ା ଡାକପାଳ ସନ୍ତୋଷ କୁମାର ବେହେରା ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କୁ ଜଣାଇଥିଲେ । ଖଣ୍ଡପଡ଼ା ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଏ ସମ୍ପର୍କରେ ଅବଗତ ହୋଇଥିଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନ ଥିଲା। ଫଳରେ ଡାକପାଳ ବେହେରା ଏ ସମ୍ପର୍କରେ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରୁଛି ବୋଲି ଆଇଆଇସି ବିଶ୍ୱଜିତ୍ ରାଉତରାୟ ସୂଚନା ଦେଇଛନ୍ତି ।

### ହ୍ୟାଟ୍ରିକ ଲକ୍ଷ୍ୟରେ କାଉନସିଲର ପ୍ରାର୍ଥୀ ପ୍ରଦୀପ୍ତ

**ଖଣ୍ଡପଡ଼ା, ୧୭।୩(ସ୍ୱ.ପ୍ର.):** ଚଳିତ ପୌର ନିର୍ବାଚନରେ ହ୍ୟାଟ୍ରିକ ଲକ୍ଷ୍ୟ ରଖି ନିର୍ବାଚନ ଲଢୁଛନ୍ତି ବିଜେଡିର କାଉନସିଲର ପ୍ରାର୍ଥୀ ପ୍ରଦୀପ କୁମାର ସାହୁ । ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ୫ନଂ. ୱାର୍ଡରୁ ସେ ପ୍ରାର୍ଥୀ ହୋଇଛନ୍ତି । ତାଙ୍କ ସହିତ ଅନ୍ୟ ୬ଜଣ ପ୍ରାର୍ଥୀ କାଉନସିଲର ପଦ ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ୨୦୦୮ରେ ଅନୁଷ୍ଠିତ ପୌର ନିର୍ବାଚନରେ ପ୍ରଦୀପ୍ତ ୫ନଂ .ୱାର୍ଡରୁ ବିଜେଡି ଟିକେଟରେ ନିର୍ବାଚିତ ହୋଇଥିବା ବେଳେ ୨୦୧୩ରେ ଅନୁଷ୍ଠିତ ନିର୍ବାଚନରେ ମଧ ପ୍ରଦୀପ୍ତ ୬ନଂ. ୱାର୍ଡରୁ ବିଜେଡି ଟିକେଟରେ ନିର୍ବାଚିତ ହୋଇଥିଲେ। ଶାସକ ବିଜେଡି ଦଳ ପ୍ରଦୀପ୍ତଙ୍କ ଉପରେ ପୁଣି ଆସ୍ଥା ପ୍ରକଟ କରି ଦଳୀୟ ଟିକେଟ ପ୍ରଦାନ କରିଥିବାରୁ ପ୍ରଦୀପ୍ତ ହ୍ୟାଟ୍ରିକ ବିଜୟ ଲକ୍ଷ୍ୟ ରଖି ଭୋଟରଙ୍କୁ ଭେଟି ସମର୍ଥନ ଯୋଗାଡ଼ କରୁଥିବା ଦେଖିବାକୁ ମିଳିଛି ।

# ଆତ୍ମବିଶ୍ୱାସ ବଢ଼ାଇଛି ପଞ୍ଚାୟତ ସଫଳତା







ଦଶପଲ୍ଲା ନିର୍ବାଚନ ପ୍ରଚାରରେ ବିଜେଡି ପ୍ରାର୍ଥୀ ରାଣୀ ବେହେରା, ସ୍ୱାଧୀନ ପ୍ରାର୍ଥୀ ପୁନମ ପ୍ରିୟଦର୍ଶିନୀ ଓ ଭାଜପା ପ୍ରାର୍ଥୀ ସୋଲାଲିନୀ ଦଳେଇ ।

**ନୟାଗଡ଼ ଅଫିସ/ଦଶପଲ୍ଲା, ୧୭।୩(ଡି.ଏନ୍.ଏ.)**

**ଦଶପଲ୍ଲା ଏନ୍ଏସି ଅଧକ୍ଷ ନିର୍ବାଚନ**
- ଶାସକ ବିରୋଧୀ ଲଢ଼େଇ
- ଜମୁଛି ପ୍ରଚାର, ବଢ଼ୁଛି ଭୋଟ ତାତି

ପଞ୍ଚାୟତ ନିର୍ବାଚନରେ ବିଜେଡିର ସଫଳତା ଦଶପଲ୍ଲା ନିର୍ବାଚନମଣ୍ଡଳୀର କର୍ମୀ, ସମର୍ଥକ ଓ ନେତାଙ୍କ ଆତ୍ମବିଶ୍ୱାସ ବଢ଼ାଇଛି । ପଞ୍ଚାୟତ ପରି ଦଶପଲ୍ଲା ଏନ୍ଏସିରେ ବିଜେଡି ବାଜିମାତ କରିବ ବୋଲି ସେମାନେ ଏବେଠୁ କହି ବୁଲୁଛନ୍ତି। ଏଭଳିସ୍ଥଳେ ପ୍ରଚାରକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଦଶପଲ୍ଲା ଏନ୍ଏସିର ଅଧ୍ୟକ୍ଷ ପ୍ରାର୍ଥୀଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି । ଭାଜପାରୁ ସୋନାଲିନୀ ଦଳେଇ, ବିଜେଡିରୁ ରାଣୀ ବେହେରା ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ପୁନମ ପ୍ରିୟଦର୍ଶିନୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ଏଠାରେ କଂଗ୍ରେସ ପ୍ରାର୍ଥୀ ଦେଇ ନ ଥିବାରୁ ୩ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ଜମିଛି ।

୧୬ ୱାର୍ଡକୁ ନେଇ ଦଶପଲ୍ଲା ଏନ୍ଏସି ଗଠିତ । ଏଠାରେ ସୋନାଲୀନିଙ୍କ ସହ ରାଣୀଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ହେଉଥିଲେ ମଧ୍ୟ ପ୍ରକୃତ ଲଢ଼େଇ ପୁନମଙ୍କ ସହ ହେଉଛି ବୋଲି ଚର୍ଚ୍ଚା ହେଉଛି । ପୁନମ ବିଜେଡିରୁ ଟିକେଟ ନେବାକୁ ଆଶାୟୀ ଥିଲେ । ହେଲେ ତାଙ୍କୁ ଟିକେଟ୍ ଦିଆଯାଇ ନ ଥିଲା । ଫଳରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଏହାର ପ୍ରତିଶୋଧ ନେବାକୁ ଅଣ୍ଟା ଭିଡିଛନ୍ତି । ଦଳ ପକ୍ଷରୁ ତାଙ୍କୁ ବୁଝାଶୁଝା କରି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇ ପାରିନାହିଁ । ସ୍ୱାଧୀନ ପ୍ରାର୍ଥୀ ବିଜେଡିର ଭୋଟ ଭାଗ କରିପାରନ୍ତି ବୋଲି ସେଠାରେ ଆଲୋଚନା ଜୋର ଧରିଛି। ଏପରି କି ପୁନମ ବିଜେଡି ବିଜୟରେ ବାଧକ ସାଜିବେ ବୋଲି କେତେଜଣ କର୍ମୀ କହୁଛନ୍ତି । ଏଭଳି ସ୍ଥଳେ ବିଜେଡି ସ୍ୱାଧୀନ ପ୍ରାର୍ଥୀଙ୍କୁ ହାଲ୍କା ଭାବେ ଗ୍ରହଣ କରିଛି । ପଞ୍ଚାୟତ ନିର୍ବାଚନ ପରି ଅସନ୍ତୁଷ୍ଟ ପ୍ରାର୍ଥୀ କିଛି କରିପାରିବେନି ବୋଲି ଦଳୀୟ ନେତାମାନେ କହିଛନ୍ତି । ବିଜୟ ଦ୍ୱାର ଦେଶରେ ଥିବାରୁ ବିଜେଡି ନିର୍ବାଚନ ପୂର୍ବରୁ ଖୁସି ମନାଉଛି । ଅନ୍ୟପକ୍ଷେ ବିଜେଡି ପ୍ରାର୍ଥୀ ରାଣୀ ବେହେରା ସରକାରଙ୍କ ସଫଳତା, ନବୀନଙ୍କ ସ୍ୱଚ୍ଛ ଶାସନ ନେଇ ଭୋଟରଙ୍କୁ ଭେଟୁଛନ୍ତି । ଦଶପଲ୍ଲା ବିଧାୟକଙ୍କୁ ସାଥିରେ ଧରି ସେ ବିଭିନ୍ନ ୱାର୍ଡ ପରିକ୍ରମା କରିବା ସହ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି । ସ୍ୱାଧୀନ ପ୍ରାର୍ଥୀ ପୁନମ ପ୍ରୀୟଦର୍ଶିନୀ ଦଳୀୟ ପ୍ରାର୍ଥୀ ହୋଇ ନ ଥିଲେ ମଧ୍ୟ ଭୋଟରଙ୍କ ପସନ୍ଦ ତାଲିକାରେ ଅଛନ୍ତି । ସେହିପରି ଭାଜପା ପ୍ରାର୍ଥୀ ଘରକୁ ଘର ବୁଲି ଭୋଟ ପ୍ରଚାର କରୁଛନ୍ତି । ପରିବର୍ତ୍ତନର ବାର୍ତ୍ତା ବାଣ୍ଟି ଭାଜପା କ୍ଷମତାକୁ ଆଣନ୍ତୁ । ଦଶପଲ୍ଲା ଏନ୍ଏସିରେ ଅନେକ ନୂଆ ନୂଆ ପ୍ରକଳ୍ପ କରାଯିବ। ସହରବାସୀଙ୍କର ଜୀବନଧାରାକୁ ବଦଳାଇବାକୁ ପଡିବ ବୋଲି ସେ କହୁଛନ୍ତି ।

ଭୋଟ ପାଣିପାଗକୁ ଦେଖି ମମତା ସାହୁ ନାମ୍ନୀ ଜଣେ ଭୋଟର କହିଛନ୍ତି, ଭୋଟର ପରିବର୍ତ୍ତନ ଚାହୁଁଛନ୍ତି । ହେଲେ ପରିବର୍ତ୍ତନ ହେଉନି । ଗୋଟିଏ ସରକାର ବାରମ୍ବାର କ୍ଷମତାକୁ ଆସିଲେ ଅରାଜକତା ବଢ଼ୁଛି। ପରିବର୍ତ୍ତନର ଝଲକ ଦିଶୁଥିଲେ ମଧ ନିର୍ବାଚନ ପୂର୍ବରାତିରେ ସବୁକିଛି ଓଲଟପାଲଟ ହୋଇଯାଉଛି । ପଞ୍ଚାୟତ ନିର୍ବାଚନରେ ଶାସକ ଦଳର ସଫଳତାକୁ ଦେଖି ପୌର ନିର୍ବାଚନରେ ବିରୋଧି ଠିକ୍ ଭାବେ ପ୍ରାର୍ଥୀ ଦେଇ ପାରିନାହାନ୍ତି । ତେବେ ସହରାଞ୍ଚଳ ଭୋଟ ସାଧାରଣତଃ ସରକାରଙ୍କ ବିରୋଧରେ ଯାଏ । ଏଣୁ ନିର୍ବାଚନର ବାତାବରଣ ବଦଳୁ ଥିବାରୁ ଏବେଠୁ ବିଜୟ, ପରାଜୟ କଥା କହି ହେବ ନାହିଁ ।

### ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ପଦବୀକୁ ନେଇ ଚର୍ଚ୍ଚା

**ଖଣ୍ଡପଡ଼ା, ୧୭।୩(ସ୍ୱ.ପ୍ର.)**

ଆସନ୍ତା ୨୩ରେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବ। ପୂର୍ବତନ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷ ଶିଶିର କୁମାର ସାହୁଙ୍କ ଗୋଟି ଚାଳନା ଯୋଗୁ ବନମାଳୀପୁର ପଞ୍ଚାୟତରୁ ନବନିର୍ବାଚିତ ସମିତି ସଭ୍ୟା ଉପମା ବେହେରା ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଆସନ ଅଳଙ୍କୃତ କରିଥିବା ବେଳେ ଏବେ ଶିଶିରଙ୍କୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ଶିଶିର ବ୍ଲକ ଉପାଧ୍ୟକ୍ଷ ହେବା ନେଇ ତାଙ୍କ ନିକଟତମ ମହଲରୁ ସୂଚନା ମିଳୁଛି । ସୂଚନାଯୋଗ୍ୟ, ଶିଶିରଙ୍କ ଘର ବନମାଳୀପୁର ପଞ୍ଚାୟତ ହୋଇଥିଲେ ହେଁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ବିଧି ବ୍ୟବସ୍ଥାକୁ ନେଇ ସେ ଖଣ୍ଡପଡ଼ା ବ୍ଲକ ଅଧୀନ ରାଣୀପଡ଼ା ପଞ୍ଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ଖଣ୍ଡପଡ଼ା ବ୍ଲକ ଆସନଟି ଅନୁସୂଚିତ ଜାତି ବର୍ଗର ମହିଳାଙ୍କ ନିମନ୍ତେ ସଂରକ୍ଷିତ ଥିବାରୁ ସାହୁ ନିର୍ବାଚିତ ସମିତି ସଭ୍ୟା ଉପମାଙ୍କୁ ବ୍ଲକ ଅଧକ୍ଷ ପଦ ପାଇଁ ଚୟନ କରିବା ପରେ ଏକମାତ୍ର ପାର୍ଥୀ ଭାବେ ଉପମା ନାମାଙ୍କନ ପତ୍ର ଦାଖଲ କରିଥିଲେ । ତେଣୁ ନିର୍ବାଚନ ଅଧିକାରୀ ବ୍ଲକ ଅଧ୍ୟକ୍ଷା ଭାବେ ଉପମା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ବୋଲି ଘୋଷଣା କରିଥିଲେ । ବ୍ଲକ ଅଧକ୍ଷାଙ୍କ ପରେ ଏବେ ଉପାଧକ୍ଷ ଆସନ ଶିଶିର ପାଇବେ ବୋଲି ସୂଚନା ମିଳିଛି ।

# ୨୦ରେ ବିଶ୍ୱ ଘରଚଟିଆ ଦିବସ

**ଖଣ୍ଡପଡ଼ା, ୧୭।୩(ସ୍ୱ.ପ୍ର.)**

ଆସନ୍ତା ୨୦ରେ ବିଶ୍ୱ ଘରଚଟିଆ ଦିବସ ପାଳିତ ହେବ । ଏଥିପାଇଁ ଖଣ୍ଡପଡ଼ା ବ୍ଲକ୍ ଧାନଚାଙ୍ଗଡା ପଞ୍ଚାୟତ କାଳିଆ ପଲ୍ଲୀ ଓ କଣ୍ଟିଲୋଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଞ୍ଚଳର ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁଙ୍କ ଦ୍ୱାରା ଗଠନ କରାଯାଇଥିବା 'ଚେତନା' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଯୁବଗୋଷ୍ଠୀ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ । ଆୟୋଜକ ସାହୁ ବିଲୁପ୍ତ ପ୍ରାୟ ବିଭିନ୍ନ ପ୍ରଜାତିର ପକ୍ଷୀ ସମ୍ପର୍କରେ ସୂଚନା ଦେବା ସହ ଘରଚଟିଆ ପକ୍ଷୀ ଗାଁ ଗହଳିରେ ଆଉ ଦେଖାଯାଉ ନ ଥିବା କହିଥିଲେ । ଏହାଛଡା ମନୁଷ୍ୟ ବଞ୍ଚି ରହିବା ପାଇଁ ଗଛଲତା ସହିତ ପଶୁପକ୍ଷୀ, ସରୀସୃପ ଓ ନାନାଦି କୀଟପତଙ୍ଗ ଉପରେ ନିର୍ଭରଶୀଳ । ତେଣୁ ଗଛଲତା ଓ ପଶୁପକ୍ଷୀ ବଞ୍ଚି ନ ରହିଲେ ମାନବ ସମାଜ ତିଷ୍ଠି ରହିବା ଅସମ୍ଭବ ହୋଇ ପଡିବ । ଏଣୁ ମଣିଷ ବଞ୍ଚି ରହିବା ପାଇଁ ଅନ୍ୟମାନଙ୍କୁ ବଞ୍ଚାଇ ରଖିବା ଜରୁରୀ ହୋଇ ପଡିଛି ବୋଲି ସେ ପ୍ରକାଶ କରିଥିଲେ । ବିଶେଷ କରି ମଣିଷ ସମାଜର ହିତ ସାଧନ କରୁଥିବା ଛୋଟ ଘରଚଟିଆ ପକ୍ଷୀ ଗାଁ ଗହଳିରେ ଦେଖିବାକୁ ମିଳୁ ନାହିଁ । ଜଙ୍ଗଲର ଦ୍ରୁତ ଅବକ୍ଷୟ ଏବଂ ଗାଁଗଣ୍ଡାରେ ଥିବା ଚାଳ ଛପର ଘର ଏବେ ସିମେଣ୍ଟ କଂକ୍ରିଟ ଘରରେ ପରିଣତ ହେଲାଣି। ଫଳରେ ଘରଚଟିଆଙ୍କ ବାସସ୍ଥାନର ଅଭାବ ଯୋଗୁ ସେମାନେ ଅନ୍ୟତ୍ର ଚାଲି ଯାଉଛନ୍ତି। ଏ ନେଇ ସାହୁ ଉପସ୍ଥିତ ପିଲାମାନଙ୍କୁ ଘରଚଟିଆମାନଙ୍କ ବଂଶ ବୃଦ୍ଧି ପାଇଁ ନିଜ ନିଜ ବାଡ଼ିବଗିଚାରେ ବିଭିନ୍ନ ବୃକ୍ଷ ରୋପଣ କରିବା ସହ ରାସ୍ତା କଡ଼ ଅବା ମାଳବନ୍ଧ ପାର୍ଶ୍ୱରେ ଖଜୁରୀ, ତାଳ ଗଛ ଲଗାଇବାକୁ କହିଥିଲେ। ଏହାଛଡ଼ା ଛୋଟ ଛୋଟ କାଠ ବାକ୍ସ କିମ୍ବା ମାଠିଆକୁ ନିଜ ଘରର କାନ୍ଥରେ ଟଙ୍ଗାଇ ଘରଚଟିଆମାନଙ୍କ ବାସସ୍ଥଳ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ ।





ସଚେତନତା କାର୍ଯ୍ୟକ୍ରମରେ ପିଲାମାନଙ୍କ ସହ ଅନ୍ତର୍ଯ୍ୟାମୀ ସାହୁ ।

**ବଞ୍ଚାଇଲେ ବଞ୍ଚିବା ସଚେତନତା କାର୍ଯ୍ୟକ୍ରମ**

### ଗଞ୍ଜେଇ ଚାଲାଣ ମାମଲା: ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

**ବ୍ରହ୍ମପୁର ଅଫିସ, ୧୭।୩:** ଗଞ୍ଜେଇ ଚାଲାଣ ମାମଲାର ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଛି। ଅଭିଯୁକ୍ତ ହେଲେ ଦିଗପହଣ୍ଡି ଥାନା ଛଣମେରୀର ଶିବ ରାଉଳ। ୨୦୨୧ରେ ତତ୍କାଳୀନ ଜିଲା ଜଜ୍ ତାଙ୍କ ଜାମିନ ଖାରଜ କରିଥିଲେ। ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଶିବଙ୍କ ଜାମିନ ପାଇଁ ତାଙ୍କ ଓକିଲ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ଜାମିନ ଦେଇଛନ୍ତି। ଜାମିନ କାଗଜପତ୍ର ମୁଦାଲାଙ୍କ ଓକିଲ ରଘୁନାଥ ପ୍ରାସଦ ପାଣିଗ୍ରାହୀ ଏଡିଜେ-୨ ରାଜଶ୍ରୀ ମହାପାତ୍ରଙ୍କ କୋର୍ଟରେ ଦାଖଲ କରିଛନ୍ତି।

**ସମ୍ବଲପୁରୀ ବସ୍ତ୍ରାଳୟ**
DSPL-421
ପବିତ୍ର ଦୋଳ ଓ ହୋଲି ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦% + ୨୦%
ତା୧୨।୦୩।୨୦୨୨ରୁ ତା୩୧।୦୩।୨୦୨୨ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍ସିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31032/13/0017/2122

# ନୀଳମାଧବ ଜୀଉଙ୍କ ଦୋଳ ଉତ୍ସବ, ମେଣ୍ଢାଶାଳ ପୋଡ଼ି

**ଖଣ୍ଡପଡ଼ା, ୧୭।୩(ସ୍ୱ.ପ୍ର.)**

ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଅନ୍ୟାନ୍ୟ ପର୍ବପର୍ବାଣୀ ଭଳି ଦୋଳ ଓ ମେଣ୍ଢାଶାଳ ପୋଡ଼ି ଉତ୍ସବ ଅନ୍ୟତମ । ଫାଲଗୁନ ଦଶମୀ ବା ଫଗୁ ଦଶମୀଠାରୁ ନୀଳମାଧବ ଜୀଉଙ୍କ ଦୋଳ ଉତ୍ସବ ଆରମ୍ଭ ହୋଇଛି । ଗୁରୁବାର ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ସିଂହଦ୍ୱାରସ୍ଥିତ ଦୋଳବେଦୀକୁ ହାନ୍ଦୋଳାରେ ବିଜେ କରାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଠାକୁରଙ୍କ ଫଗୁ ଖେଳ ନୀତି ସମ୍ପନ୍ନ ହୋଇଥିଲା । ଏହାପରେ ଦୋଳବେଦୀ ନିକଟରେ ଦେବୋତ୍ତର ବିଭାଗ ଦ୍ୱାରା ନିର୍ମିତ ଏକ ଚାଳ ଘରକୁ ଅଗ୍ନି ସଂଯୋଗ କରାଯାଇଥିଲା । ଏହି ସମୟରେ ଶ୍ରୀଜୀଉଙ୍କୁ ପୋଡ଼ି ଯାଉଥିବା ସେହି ଗୃହର ଚତୁଃପାର୍ଶ୍ୱରେ ୭ଥର ପରିକ୍ରମା କରାଯାଇଥିଲା । ପରେ ଠାକୁର ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ପୁରାଣ ତଥା ଲୋକ କଥାନୁଯାୟୀ ଅତ୍ୟାଚାରୀ ମେଷାସୁର(ମେଣ୍ଢାସୁର)ର ଅତ୍ୟାଚାରରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ଅତ୍ୟାଚାରୀ ମେଣ୍ଢାସୁରର ମୁଖ୍ୟଗହ୍ୱର ମଧ୍ୟକୁ ପ୍ରବେଶ କରି ମେଣ୍ଢାସୁରକୁ ବଧ କରିଥିଲେ । ଏହି ସମୟରେ ଶ୍ରୀକୃଷ୍ଣଙ୍କ ଅଙ୍ଗରେ ଲାଗିଥିବା ରକ୍ତ ଛିଟାକୁ ଭୂମିରେ ପଡିବାକୁ ନ ଦେଇ ଗୋପାଙ୍ଗନାମାନେ ଶ୍ରୀକୃଷ୍ଣଙ୍କ ଦେହରେ ଫଗୁ ବା ଅବିର ବୋଲି ଦେଇଥିଲେ । ଅତ୍ୟାଚାରୀର ବଧ ପରେ ଗୋପାଙ୍ଗନାମାନେ ଆନନ୍ଦ ବିହ୍ୱଳିତ ହୋଇ ଅସୁରର ଗୃହକୁ ପୋଡ଼ି ଦେଇଥିଲେ । ଲୋକ କଥା ଅନୁଯାୟୀ ଏହାକୁ ମେଣ୍ଢାଶାଳ ପୋଡ଼ି ବୋଲି କୁହାଯାଏ ।



# ୭୫ ବୁଥ୍‌ରୁ ୨୨ ଉତ୍ତେଜନାପ୍ରବଣ

**ନୟାଗଡ଼ ଅଫିସ, ୧୭।୩**

**ପୌର ନିର୍ବାଚନ**
- ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ



ନୟାଗଡ଼ ମ୍ୟୁନିସିପାଲିଟି, ଦଶପଲ୍ଲା, ରଣପୁର ଓ ଖଣ୍ଡପଡ଼ା ଏନଏସିର ନିର୍ବାଚନ ନିମନ୍ତେ ଜିଲାପାଳଙ୍କ ସଦ୍ଭାବନା ସଭାଗୃହରେ ଗୁରୁବାର ପୋଲିସ ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ପୋମା ଟୁଡୁ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ,ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଲଗ୍ନଜିତ୍ ରାଉତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ମଲ୍ଲିକ ଏବଂ ଏସ୍ଡିପିଓ ଶୁଭେନ୍ଦୁ କୁମାର ସିହ୍ନା ମଞ୍ଚାସୀନ ଥିଲେ । ପଞ୍ଚାୟତ ନିର୍ବାଚନ ସୁରୁଖୁରରେ ଶେଷ ହେବା ପରି ପୌର ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବାକୁ ଅଧିକାରୀମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ । ୪ ପୌରାଞ୍ଚଳର ୬୦ ୱାର୍ଡରେ ୪୩ ସ୍ଥାନରେ ୭୫ ବୁଥ୍ ରହିଛି । ସେଥିରୁ ୨୨ ବୁଥ୍ ଉତ୍ତେଜନା ପ୍ରବଣ ରହିଛିଃ ଉତ୍ତେଜନା ପ୍ରବଣ ବୁଥ୍ ସଂଖ୍ୟା ଅଧିକ ଥିବାରୁ ସତର୍କତାର ସହ ନିର୍ବାଚନ ପରିଚାଳନା କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟର ପାଚେରୀରେ ବ୍ୟାନର ,ପୋଷ୍ଟର ଇତ୍ୟାଦି ନ ଲଗାଯିବା ପାଇଁ ସତର୍କ ଦୃଷ୍ଟି ରଖିବାକୁ ନିର୍ବାଚନ ଅଧିକାରୀ ଓ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିର୍ବାଚନ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ନିମନ୍ତେ ସତର୍କ ରହିବାକୁ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।। ଭୋଟ ଗ୍ରହଣ ଦିନ କୌଣସି ପ୍ରକାର ଶୋଭାଯାତ୍ରାକୁ ଅନୁମତି ଦିଆଯିବ ନାହିଁ । ଇ.ଭି.ଏମ. ଦ୍ୱାରା ଭୋଟ ଗ୍ରହଣ ହେବ । ପଞ୍ଚାୟତ ନିର୍ବାଚନ ପରି ମଡେଲ ବୁଥ୍ ଏବଂ ପିଙ୍କ୍ ବୁଥ୍‌ର ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି । ୪ ସହରାଞ୍ଚଳରେ ମଡେଲ ବୁଥ୍ ୬ ଓ ୭ ପିଙ୍କ୍ ବୁଥ୍ କରାଯିବ ବୋଲି ସ୍ଥିର ହୋଇଛି ।

**ବିଶ୍ୱ ମୁଖଗହ୍ୱର ସ୍ୱାସ୍ଥ୍ୟ ସଚେତନତା ଦିବସ**
DSPL-427
୨୦ ମାର୍ଚ୍ଚ, ୨୦୨୨
"ଆମେ ନିଜ ସୁସ୍ଥ ମୁଖଗହ୍ୱର ପାଇଁ ଗର୍ବ ଅନୁଭବ କରିବା, ସୁସ୍ଥ ଶରୀର ପାଇଁ ନିଜ ମୁଖଗହ୍ୱରର ଯତ୍ନ ନେବା"



ପ୍ରମୁଖ ମୁଖଗହ୍ୱର ରୋଗ
- ଦନ୍ତ କ୍ଷୟ
- ମାଢ଼ିରୁ ରକ୍ତସ୍ରାବ
- ଦୁର୍ଗନ୍ଧ
- ତ୍ରୁଟିପୂର୍ଣ୍ଣ ଦାନ୍ତ
- ମୁଖ ଗହ୍ୱର କର୍କଟ

ମୁଖଗହ୍ୱରର ଯତ୍ନ ପାଇଁ କେତୋଟି ସୂଚନା
- ଦୈନିକ ୨ ଥର; ସକାଳୁ ଉଠିବା ପରେ ଓ ରାତ୍ରି ଭୋଜନ ପରେ ଦାନ୍ତ ଘଷନ୍ତୁ ଏବଂ ପ୍ରତିଥର ୫ ମିନିଟ୍ ପର୍ଯ୍ୟନ୍ତ ଘଷନ୍ତୁ ।
- ଖାଦ୍ୟ ଖାଇବା ପରେ ଭଲଭାବେ ୪-୫ ଥର କୁଳି କରନ୍ତୁ ।
- ଋତୁ ଅନୁଯାୟୀ ଉପଲବ୍ଧ ହେଉଥିବା ଫଳ ଓ ପନିପରିବା ଯଥେଷ୍ଟ ଖାଆନ୍ତୁ ।
- ତମାଖୁ ବର୍ଜନ କରନ୍ତୁ ।
- ଅନ୍ତତଃ ବର୍ଷକୁ ଥରଟିଏ ନିଜର ମୁଖ ଗହ୍ୱର ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇ ନିଅନ୍ତୁ ।
- ସରକାରୀ ଡାକ୍ତରଖାନାରେ ମୁଖଗହ୍ୱର ଚିକିତ୍ସା ଉପଲବ୍ଧ ।

ସମସ୍ତ ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚିତ ନିଅନ୍ତୁ



ନିୟମିତ ସାବୁନ୍‌ରେ ହାତ ଧୁଅନ୍ତୁ
ସଠିକ୍ ଭାବେ ମାସ୍କ ପିନ୍ଧନ୍ତୁ
ସାମାଜିକ ଦୂରତା ବଜାୟ ରଖନ୍ତୁ
କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ପାଳନ କରନ୍ତୁ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା
World Oral Health Day 20 March
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR-10003/13/0156/2122

